# DIRECTORATE OF EXTENSION EDUCATION
## ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ
ODISHA UNIVERSITY OF AGRICULTURE AND TECHNOLOGY
Bhubaneswar, Pin - 751003


## ଚାଷୀମାନଙ୍କ ପାଇଁ ସତର୍କ ସୂଚନା

ତା ୩୦.୦୫.୨୦୨୦

ବର୍ତ୍ତମାନ ପରିସ୍ଥିତିରେ ସମ୍ଭାବ୍ୟ ପଙ୍ଗପାଳ ଲାଗିବା ଏବଂ ଝିଂଟିକାକୁ ପଙ୍ଗପାଳ ଭାବିବା ନେଇ ଏକ ସୂଚନା ।

- ପଙ୍ଗପାଳମାନେ ସର୍ବଦା ଦଳଗତ ଭାବେ ଉଡ଼ି ଉଡ଼ି ଆସନ୍ତି । କିନ୍ତୁ ଝିଂଟିକା ଦଳରେ ଆସନ୍ତି ନାହିଁ କିମ୍ବା ଉଡ଼ି ପାରନ୍ତି ନାହିଁ ।
- ପଙ୍ଗପାଳମାନେ ଘଂଟାକୁ ୧୬-୧୯ କି.ମି. ବେଗରେ ଉଡ଼ିପାରନ୍ତି ଏବଂ ଦିନକୁ ୧୫୦-୨୦୦ କି.ମି. ଗତି କରିପାରନ୍ତି; କିନ୍ତୁ ଝିଂଟିକା କେବଳ ଅଳ୍ପ ଦୂର ଡେଇଁ ଡେଇଁ ଯାଇପାରନ୍ତି ।
- ପଙ୍ଗପାଳମାନେ ସୂର୍ଯ୍ୟ ଅସ୍ତ ହେବା ପରେ ଦଳଗତ ଭାବେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ (ଫସଲ/ଗଛଲତା) ସୂର୍ଯ୍ୟ ଉଦୟ ପର୍ଯ୍ୟନ୍ତ ବସି ରହନ୍ତି ।
- ପଙ୍ଗପାଳର ଝିଂଟିକା ତୁଳନାରେ ଡେଣାଗୁଡ଼ିକ ଲମ୍ବା ଏବଂ ବଡ଼ ।
- ଏବେ ଯେଉଁ ପଙ୍ଗପାଳ ଆସିବାର ସମ୍ଭାବନା ଅଛି; ସେମାନେ ଇଷତ୍ ଗୋଲାପୀ ରଙ୍ଗର, କିନ୍ତୁ ଝିଂଟିକା ସାଧାରଣତଃ ଫିକା ସବୁଜ କିମ୍ବା ଧୂସର ରଙ୍ଗର ।

ତେଣୁ ସବୁ ଝିଂଟିକା ପଙ୍ଗପାଳ ନୁହଁନ୍ତି । ସେଥିପାଇଁ ଚାଷୀମାନଙ୍କୁ ଅନୁରୋଧ କରାଯାଉଛି, ସେମାନେ ଝିଂଟିକା ଜାତୀୟ କୀଟ ଦେଖିଲେ ବିବ୍ରତ ନ ହୋଇ ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ର କିମ୍ବା କୃଷି ବିଭାଗର ଅଧିକାରୀମାନଙ୍କୁ ଯୋଗାଯୋଗ କରନ୍ତୁ ।

**ବି.ଦ୍ର.:** ଅଧିକ ଜାଣିବା ପାଇଁ ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ର, କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।